# NATIONAL NEWS BULLETIN (ODIA)
## 9 March - 2025
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଆସନ୍ତା ମଙ୍ଗଳବାରଠାରୁ ଦୁଇଦିନିଆ ମରିସସ୍ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତାକାଲିଠୁ ଆରମ୍ଭ ।
- ଅର୍ଥନୈତିକ ଅଭିବୃଦ୍ଧି ଏବଂ ଯୋଗାଣ ଶୃଙ୍ଖଳକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଭାରତ' ଆମେରିକା ସହିତ ଏକ ଉତ୍କୃଷ୍ଟ ବାଣିଜ୍ୟ ଚୁକ୍ତି କରିବାକୁ ଇଚ୍ଛା ପ୍ରକାଶ କରିଛି - କହିଲେ ଅର୍ଥମନ୍ତ୍ରୀ ।
- ତଦନ୍ତକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ଯୋଗୁଁ କଳାଧନ ପ୍ରସଙ୍ଗରେ ସଫଳତା ମିଳିଛି : ସୂଚନା ଦେଲେ ଏସ୍ଆଇଟି ଉପାଧ୍ୟକ୍ଷ ।

ଏବଂ

- ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ଟାଇଟଲ ହାସଲ ପାଇଁ ଆଜି ଭାରତ' ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ।

# ଏମ୍‌ଇଏ- ପିଏମ୍ ମରିସସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମଙ୍ଗଳବାରଠାରୁ ଦୁଇ ଦିନିଆ ମରିସସ୍ ଗସ୍ତରେ ଯିବେ। ନୂଆଦିଲ୍ଲୀରେ ଗତ ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରୀ କହିଛନ୍ତି, ୨୦୧୫ ମସିହା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଏହା ହେଉଛି ପ୍ରଥମ ମରିସସ୍ ଗସ୍ତ।

ଏହି ଗସ୍ତ ଅବସରରେ ମରିସସର ଜାତୀୟ ଦିବସ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ବୈଦେଶିକ ସଚିବ କହିଛନ୍ତି, ମରିସସ୍ ଜାତୀୟ ଦିବସରେ ଭାରତୀୟ ପ୍ରତିରକ୍ଷା ବାହିନୀ, ନୌସେନା ଏବଂ ବାୟୁସେନାର ଆକାଶ ଗଙ୍ଗା ସ୍କାଏ ଡାଇଭିଂ ଦଳ ଅଂଶଗ୍ରହଣ କରିବେ। ପ୍ରଧାନମନ୍ତ୍ରୀ ମଙ୍ଗଳବାର ସକାଳେ ପୋର୍ଟ ଲୁଇସରେ ପହଞ୍ଚିବେ। ମରିସସ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପ୍ରତିଷ୍ଠାତା ସିଓ୍ୱସାଗୁର ରାମଗୁଲାମ ଏବଂ ମରିସସର ପୂର୍ବତନ ରାଷ୍ଟ୍ରପତି ତଥା ପ୍ରଧାନମନ୍ତ୍ରୀ ସାର୍ ଅନିରୁଦ ଜଗନ୍ନାଥଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଶ୍ରୀ ମୋଦୀ ସାର୍ ସିଉସାଗୁର ରାମଗୁଲାମ୍ ବଟାନିକାଲ ଗାର୍ଡେନ୍ ଗସ୍ତ କରିବେ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମରିସସ୍ ରାଷ୍ଟ୍ରପତି ଧର୍ମବୀର ଗୋଖୁଲ, ପ୍ରଧାନମନ୍ତ୍ରୀ ଡକ୍ଟର ନବୀନଚନ୍ଦ୍ର ରାମଗୁଲାମ ଏବଂ ମରିସସ୍‌ର ବିଶିଷ୍ଟ ବ୍ୟକ୍ତି ଏବଂ ରାଜନୈତିକ ଦଳର ନେତାମାନଙ୍କ ସହ ବୈଠକ କରିବେ। ଶ୍ରୀ ମିସ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତୀୟ ବଂଶୋଦ୍ଭବ ସଦସ୍ୟମାନଙ୍କ ସହ ଆଲୋଚନା କରିବେ ଏବଂ ଭାରତର ଅନୁଦାନ ସହାୟତାରେ ନିର୍ମିତ ସିଭିଲ ସର୍ଭିସ କଲେଜ ଏବଂ ଏରିଆ ହେଲ୍‌ଥ ସେଣ୍ଟରକୁ ଉଦଘାଟନ କରିବେ । ଏହି ଗସ୍ତ ସମୟରେ ଦୁଇଦେଶ ମଧ୍ୟରେ କେତେଗୁଡ଼ିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

## ପାର୍ଲ୍ୟାମେଣ୍ଟ- ବଜେଟ୍ ସେସନ୍

ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏପ୍ରିଲ ମାସ ୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୨୦ଟି ବୈଠକ ବସିବ। ଅଧିବେଶନରେ ୨୦୨୫-୨୬ ବର୍ଷ ପାଇଁ ଅନୁଦାନ ଦାବି ଏବଂ ଆନୁସଙ୍ଗିକ ବିନିଯୋଗ ବିଲ୍ ଉପରେ ଆଲୋଚନା ଓ ମତଦାନ ହେବ।

ବ୍ୟାଙ୍କିଂ ଆଇନ (ସଂଶୋଧନ) ବିଲ୍, କୋଷ୍ଟାଲ ସିପିଂ ବିଲ୍ ୨୦୨୪, ତ୍ରିଭୁବନ ସହକାରୀ ବିଶ୍ୱବିଦ୍ୟାଳୟ ବିଲ୍, ଇମିଗ୍ରେସନ୍ ଆଣ୍ଡ ଫରେନର୍ସ ବିଲ୍ ୨୦୨୫ ଏବଂ ରେଳବାଇ (ସଂଶୋଧନ) ବିଲ୍ ସମେତ ଅନେକ ବିଲ୍ ଉପରେ ମଧ୍ୟ ଆଲୋଚନା ହେବାର ଆଶା କରାଯାଉଛି।

ସଂସଦର ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଜାନୁଆରୀ ୩୧ରୁ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ଗୃହକୁ ସମ୍ବୋଧିତ କରିଥିଲେ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଧିବେଶନର ପ୍ରଥମ ଭାଗରେ କେନ୍ଦ୍ର ବଜେଟ୍ ଉପସ୍ଥାପନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଲୋକସଭାର କାର୍ଯ୍ୟକାରୀତା ୧୧୨ ପ୍ରତିଶତ ସଫଳତା ହାସଲ କରିଥିଲା ।

## ସୀତାରମଣ-ଇଣ୍ଡିଆ ୟୁଏସ୍ ଟ୍ରେଡ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଯୋଗାଣ ଶୃଙ୍ଖଳକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଭାରତ ଆମେରିକା ସହିତ ଏକ ଉତ୍କୃଷ୍ଟ ବାଣିଜ୍ୟ ଚୁକ୍ତି କରିବାକୁ ଇଚ୍ଛାପ୍ରକାଶ କରିଛି। ବୃଦ୍ଧି ପାଉଥିବା ବୈଶ୍ୱିକ ଶୁଳ୍କ

ପରିପ୍ରେକ୍ଷୀରେ ସମ୍ଭାବ୍ୟ ଆହ୍ୱାନ ଗୁଡ଼ିକର ମୁକାବିଲା ଲକ୍ଷ୍ୟ ନେଇ ଏଭଳି ପଦକ୍ଷେପର ଆବଶ୍ୟକତା ରହିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି । ଏଥିସହ ଆମଦାନୀ ଉପରେ ନିର୍ଭରଶୀଳ ଘରୋଇ ଉଦ୍ୟୋଗ ଗୁଡ଼ିକର ସ୍ୱାର୍ଥ ସୁରକ୍ଷିତ ରଖିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ୨୦୩୦ ସୁଦ୍ଧା ଦୁଇଦେଶ ମଧ୍ୟରେ ବାଣିଜ୍ୟ କାରବାରକୁ ୫ଶହ ବିଲିୟନ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଚାଲିଛି ବୋଲି ସେ ସୂଚନା ଦେଇଛନ୍ତି । ଜିଏସ୍‌ଟି ହାର ଆହୁରି ହ୍ରାସ ପାଇବ ଏବଂ ଟିକସ ହାର ଓ ସ୍ଲାବ୍‌କୁ ସୁ-ବ୍ୟବସ୍ଥିତ କରିବା କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

## ଇଣ୍ଡିଆ-ୟୁଏସ୍

ଅଷ୍ଟ୍ରେଲିଆ, ୟୁଏଇ, ସ୍ୱିଜରଲ୍ୟାଣ୍ଡ ଏବଂ ନରୱେ ଭଳି ପ୍ରମୁଖ ବିକଶିତ ଦେଶଗୁଡ଼ିକ ସହିତ ଭାରତ ପାରସ୍ପରିକ ଲାଭ ପ୍ରଦାନକାରୀ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି କରିଛି । ଫଳରେ ହାରାହାରି ଶୁଳ୍କ ପରିମାଣ ଯଥେଷ୍ଟ ହ୍ରାସ ପାଇଛି । ୟୁରୋପୀୟ ସଂଘ ଏବଂ ବ୍ରିଟେନ୍ ସମେତ ଅନ୍ୟ ସହଯୋଗୀ

ରାଷ୍ଟ୍ରଗୁଡ଼ିକ ସହିତ ଏଭଳି ଚୁକ୍ତି ନେଇ ଆଲୋଚନା ଚାଲିଥିବା ଜଣାପଡିଛି । ଗତ ଫେବୃୟାରୀରେ ଭାରତ ଏବଂ ଆମେରିକା ପାରସ୍ପରିକ ଲାଭଦାୟକ, ବହୁକ୍ଷେତ୍ରୀୟ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଚଳିତବର୍ଷ ସୁଦ୍ଧା କାର୍ଯ୍ୟକାରୀ କରିବା ନେଇ ସହମତ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ବାଣିଜ୍ୟ ଶିଳ୍ପମନ୍ତ୍ରୀଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ମଣ୍ଡଳୀ ୱାଶିଂଟନ୍ ଗସ୍ତ କରି ଆମେରିକାର ବାଣିଜ୍ୟ ସଚିବ, ବାଣିଜ୍ୟ ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୱାଶିଂଟନ୍ ଗସ୍ତ ଅବସରରେ ଦୁଇଦେଶ ମଧ୍ୟରେ ଶୁଳ୍କ ଏବଂ ବାଣିଜ୍ୟର ବିଭିନ୍ନ ଦିଗ ଉପରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା । ବାଣିଜ୍ୟ ଚୁକ୍ତିର ପ୍ରତ୍ୟେକ ଦିଗ ଉଭୟ ଦେଶର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ପର୍ଯ୍ୟବେଶିତ ହେବ ବୋଲି ଜଣାପଡିଛି ।

## ଏସ୍ଆଇଟି ବୈଠକ

ତଦନ୍ତକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ଯୋଗୁଁ କଳାଧନ ଠାବ କରିବା ପ୍ରସଙ୍ଗରେ ଗତ ୬ ମାସ ମଧ୍ୟରେ ସଫଳତା ହାସଲ ହୋଇପାରିଛି

ବୋଲି ଏସ୍‌ଆଇଟି ଉପାଧ୍ୟକ୍ଷ ଜଷ୍ଟିସ ଅରଜିତ୍ ପଶାୟତ କହିଛନ୍ତି । ଦେଶରେ ଗଚ୍ଛିତ କଳାଧନ ଠାବ ପାଇଁ ଗଠିତ ଏସ୍‌ଆଇଟି ବୈଠକ ଗତକାଲି ଜଷ୍ଟିସ ପଶାୟତଙ୍କ ଅଧ୍ୟକ୍ଷତାରେ କଟକଠାରେ ଅନୁଷ୍ଠିତ ହୋଇଥିଲା । ଜଷ୍ଟିସ ପଶାୟତ କହିଛନ୍ତି କଳାଧନକୁ ଠାବ କରିବା ସହିତ ଏ ସଂକ୍ରାନ୍ତ ମାମଲା ଗୁଡ଼ିକର ତ୍ୱରିତ ଶୁଣାଣି ପାଇଁ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଗୁରୁତ୍ୱ ଦେବାକୁ ବୈଠକରେ ପରାମର୍ଶ ଦିଆଯାଇଛି । ଟ୍ରାଏଲକୋର୍ଟରେ ଏହି ମାମଲା ଗୁଡ଼ିକର ଶୁଣାଣି ଶୀଘ୍ର ଶେଷ କରିବା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଇଛି । ଅନ୍‌ଲାଇନ୍ ଗେମିଂ ଆପ୍‌ଗୁଡ଼ିକରୁ ଦୂରେଇ ରହିବାପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ବୋଲି ଜଷ୍ଟିସ ପଶାୟତ କହିଛନ୍ତି । ଜିଏସ୍‌ଟି, ଅନ୍‌ଲାଇନ୍ ଆଦି ଠକେଇକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ଜନସଚେତନତା ବୃଦ୍ଧି ସହିତ ବ୍ୟାପକ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ସଂସ୍ଥାକୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଛନ୍ତି । ବୈଠକରେ ୧୧ଟି ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

# ଶ୍ରମ ପୋର୍ଟାଲ

ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ସାମିଲ ହେବାକୁ ଶ୍ରମ ପୋର୍ଟାଲରେ ପଞ୍ଜିକରଣ କରିବାକୁ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଶ୍ରମଜୀବୀଙ୍କୁ ଅନୁରୋଧ କରାଯାଇଛି । ଏହି ଯୋଜନା ଅଧୀନରେ ଦେଶରେ ୩୧ ହଜାରରୁ ଅଧିକ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ସୁବିଧାର ବ୍ୟବସ୍ଥା ରହିଛି । ଏ ବାବଦରେ ସରକାର ପରିବାର ପିଛା ୫ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରିଥାନ୍ତି । କେନ୍ଦ୍ର ବଜେଟ୍‌ରେ ଇ-ଶ୍ରମ ପୋର୍ଟାଲରେ ଅନ୍‌ଲାଇନ୍ ପ୍ଲାଟଫର୍ମ କର୍ମଚାରୀଙ୍କ ପଞ୍ଜିକରଣ, ପରିଚୟପତ୍ର ପ୍ରଦାନ ଏବଂ ସ୍ୱାସ୍ଥ୍ୟସେବା ସୁବିଧାର ବ୍ୟବସ୍ଥା ରହିଛି । ନୀତି ଆୟୋଗ ଦେଇଥିବା ରିପୋର୍ଟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଦେଶର ଗିଗ୍ ଅର୍ଥନୀତିରେ ୧କୋଟିରୁ ଅଧିକ ଶ୍ରମିକ ନିଯୁକ୍ତି ପାଇବା ନେଇ ଆକଳନ କରାଯାଇଥିବାବେଳେ ୨୦୨୯-୩୦ ସୁଦ୍ଧା ଏହା ୨ କୋଟି ୩୫ଲକ୍ଷକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଇଛି । ବଜେଟ୍ ପ୍ରସ୍ତାବ ଗୁଡ଼ିକୁ କାର୍ଯ୍ୟକାରୀ କରିବା ନେଇ ମନ୍ତ୍ରଣାଳୟ ପକ୍ଷରୁ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।

# ପଞ୍ଜାବ ଆରେଷ୍ଟ

ଜେଲ୍‌ରେ ଅପରାଧିକ ଷଡ଼ଯନ୍ତ୍ର ଏବଂ ନିଶାଦ୍ରବ୍ୟ ଚାଲାଣ ଅଭିଯୋଗ ନେଇ ପଞ୍ଜାବରେ ୨ଜଣ ବରିଷ୍ଠ ଜେଲ୍ ଅଧିକାରୀଙ୍କ ସମେତ ଅନ୍ୟ ୪ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ମଧ୍ୟରେ ହୋସିଆରପୁର ସେଣ୍ଟ୍ରାଲ ଜେଲ୍‌ର ଅଧିକ୍ଷକ ଓ ଅନ୍ୟ ୪ଜଣ ଅଧିକାରୀ ଏବଂ ଅମୃତସର ଜେଲ୍‌ର ଜଣେ ୱାର୍ଡନ୍ ଅନ୍ତର୍ଭୁକ୍ତ । ଉଭୟ ଜେଲ୍‌ରେ କଏଦୀଙ୍କୁ ନିଶାଦ୍ରବ୍ୟ ଯୋଗାଣରେ ସେମାନେ ସମ୍ପୃକ୍ତ ଥିବା ଜଣାପଡିଛି । ଏପରିକି ଜେଲ୍‌ରେ ବନ୍ଦୀ ଜୀବନ ବିତାଉଥିବା ୩ଜଣ କଏଦୀଙ୍କ ବିରୋଧରେ ମଧ୍ୟ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ନିଶାଦ୍ରବ୍ୟ ବିରୋଧୀ ଟାସ୍କଫୋର୍ସର ମୁଖ୍ୟ ନିଲଭ କିଶୋର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଅଭିଯୋଗ ଆଧାରରେ ତଦନ୍ତ କରାଯାଇଥିଲା । ଦୁର୍ନୀତିଗ୍ରସ୍ତ ଏହି ଜେଲ୍ ଅଧିକାରୀଙ୍କ ସହାୟତାରେ କଏଦୀମାନେ ନିଶାଦ୍ରବ୍ୟ ଚୋରାଚାଲାଣରେ ସମ୍ପୃକ୍ତ ଥିଲେ ବୋଲି ସେ ସୂଚନା ଦେଇଛନ୍ତି ।

# ଆଇସିସି ଚାମ୍ପିଅନ୍ସ ଟ୍ରଫି

ଆଇସିସି ପୁରୁଷ ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ଟାଇଟଲ ହାସଲ ପାଇଁ ଆଜି ଭାରତ’ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ । ଦୁବାଇର ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମ୍‌ଠାରେ ଏହି ମ୍ୟାଚ୍ ଭାରତୀୟ ସମୟ ସାଢ଼େ ୨ଟାରେ ଖେଳାଯିବ । ନ୍ୟୁଜିଲାଣ୍ଡର ଅଭିଜ୍ଞ ବୋଲିଂ ବିପକ୍ଷରେ ଭାରତର ଶକ୍ତିଶାଳୀ ବ୍ୟାଟିଂ ମୁହାଁମୁହିଁ ହେବେ । ଦୁଇଦଳ ମଧ୍ୟରେ ଚିତ୍ତାକର୍ଷକ ମ୍ୟାଚ୍ ହେବ ବୋଲି ଆଶା କରାଯାଉଛି । ନିକଟରେ ହୋଇଥିବା ମୁକାବିଲାରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଜୟ ହାସଲ କରି ନିଜର ମନୋବଳ ଦୃଢ଼ ରଖିଛି । ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇ ଫାଇନାଲ ପର୍ଯ୍ୟାୟରେ ପହଁଞ୍ଚିଛି । ସେମିଫାଇନାଲ ପର୍ଯ୍ୟାୟରେ ଭାରତ’ ଅଷ୍ଟ୍ରେଲିଆକୁ ୪ ୱିକେଟ୍‌ରେ ପରାସ୍ତ କରିଥିବାରୁ ଆତ୍ମବିଶ୍ୱାସର ସହ ପଡ଼ିଆକୁ ଓହ୍ଲାଇବ । ସୂଚନାଯୋଗ୍ୟ, ୨୦୨୩ରେ ମୁମ୍ବାଇରେ ଅନୁଷ୍ଠିତ ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ସେମିଫାଇନାଲରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ୭୦ ରନ୍‌ରେ ବିଜୟୀ ହୋଇଥିଲା ।

# ୱିମେନ୍ସ ପ୍ରିମିୟର

ମହିଳା ପ୍ରିମିୟର କ୍ରିକେଟ୍ ଲିଗ୍‌ରେ ୟୁପି ୱାରିଅର୍ସ ୧୨ ରନ୍‌ରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି । ଲକ୍ଷ୍ନୌର ଏକାନା କ୍ରିକେଟ୍ ପଡିଆରେ ଗତକାଲି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ବେଙ୍ଗାଲୁରୁ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ୟୁପି ୱାରିୟର୍ସ ନିର୍ଦ୍ଧାରିତ ୨୦ ଓଭରରୁ ୫ ୱିକେଟ୍ ବିନିମୟରେ ୨୨୫ରନ୍ ସଂଗ୍ରହ କରିଥିଲା । ଦଳପକ୍ଷରୁ ଜର୍ଜିଆ ଭୋଲ ସର୍ବାଧିକ ଅପରାଜିତ ୯୯ରନ୍ ସଂଗ୍ରହ କରିଥିଲେ । ୨୨୬ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ବେଙ୍ଗାଲୁରୁ ୧୯ ଓଭର ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୧୩ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରିଚା ଘୋଷ ସର୍ବାଧିକ ଅଣସ୍ତରୀ ରନ୍ ସଂଗ୍ରହ କରିଥିଲେ । ଜର୍ଜିଆ ଭୋଲ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଏହି ମ୍ୟାଚ୍‌ରେ ପରାଜିତ ହୋଇ ବେଙ୍ଗାଲୁରୁ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛି । ୭ଟି ମ୍ୟାଚ୍‌ରୁ ମାତ୍ର ୪ ପଏଣ୍ଟ ପାଇ ବେଙ୍ଗାଲୁରୁ ତାଲିକାର ନିମ୍ନ ସ୍ଥାନରେ ରହିଛି । ୟୁପି ୱାରିୟର୍ସ ମଧ୍ୟ ପ୍ରତିଯୋଗିତାରୁ ପୂର୍ବରୁ ବାଦ୍ ପଡିସାରିଛି ।

ଗୁଜରାଟ ଜାଏଣ୍ଟ୍‌ସ ଏ ପର୍ଯ୍ୟନ୍ତ ଖେଳିଥିବା ୭ଟି ମ୍ୟାଚ୍‌ରୁ ୮ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍‌ସ ୮ଟି ମ୍ୟାଚ୍‌ରୁ ୧୦ ପଏଣ୍ଟ ପାଇ ପ୍ଲେ ଅଫ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଛି । ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ ପ୍ଲେ ଅପ୍ ପର୍ଯ୍ୟାୟରେ ପହଞ୍ଚି ସାରିଛି ।

ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ମୁମ୍ବାଇର ବ୍ରାବୋର୍ଣ୍ଣ ଷ୍ଟାଡିୟମଠାରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## ଆଇଏସ୍ଏଲ୍-ଫୁଟବଲ

ଇଣ୍ଡିଆନ୍ ସୁପର ଲିଗ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିଜୟୀ ହୋଇଛି । ଶିଲଂର ଜବାହରଲାଲ ନେହେରୁ ଷ୍ଟାଡିୟମଠାରେ ଗତ ସଂଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍ ୪-୦ ଗୋଲ୍‌ରେ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ପରାସ୍ତ କରିଛି । ଚଳିତ ସିଜିନ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍ ଦଳର ଏହା ହେଉଛି ଦଶମ ବିଜୟ । ଅନ୍ୟଏକ ମ୍ୟାଚ୍‌ରେ ମୋହନ ବାଗାନ ସୁପର ଜ୍ୟାଣ୍ଟ୍ସ' ଏଫ୍‌ସି ଗୋଆକୁ ପରାସ୍ତ କରିଛି । କୋଲକାତାର ବିବେକାନନ୍ଦ ଯୁବଭାରତୀ କ୍ରୀଡ଼ାଙ୍ଗନରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମୋହନ ବାଗାନ ୨-୦ ଗୋଲ୍‌ରେ ଗୋଆକୁ ପରାସ୍ତ କରିଛି ।

ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆଜି ଚେନ୍ନାଇ ଆଣ୍ଡ୍ ଏଫ୍‌ସି ଏବଂ ଜାମସେଦପୁର ଏଫ୍‌ସି ମଧ୍ୟରେ ସଂଧ୍ୟା ସାଢ଼େ ୭ଟାରେ ମୁକାବିଲା ହେବ । ଚଳିତ ସିଜିନ୍‌ର ଦୁଇଦଳ ମଧ୍ୟରେ ଏହା ଶେଷ ଲିଗ୍ ମ୍ୟାଚ୍ ହେବ । ଜାମସେଦପୁର ୩୮ ପଏଣ୍ଟ ହାସଲ କରି ପ୍ଲେ ଅଫ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଛି ।